# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**3 February - 2025**

**News Editor : Tapan Kumar Maharana**

*************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଜାରି
- ଚଳିତ ବର୍ଷ ରେଳବାଇ ପାଇଁ ବଜେଟ୍‌ରେ ୨ ଲକ୍ଷ ୫୨ ହଜାର କୋଟିରୁ ଅଧିକ ଟଙ୍କା ମଞ୍ଜୁର
- ବେଆଇନ ଖଣିଖନନକାରୀଙ୍କ ଉପରେ ୬ ହଜାର ୨୨୮କୋଟିରୁ ଅଧିକ ଟଙ୍କା ବକେୟା ସୂଚନା
- ଖଣ୍ଡଗିରି କୁମ୍ଭମେଳା ଆସନ୍ତାକାଲିଠୁ ଆରମ୍ଭ

– ମାଘ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ

ଏବଂ

- ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍-ସି' ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଖେଳାଯିବ ମ୍ୟାଚ୍

***BBSR/R***

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ପୂର୍ବାହ୍ନ ୧୧ଟାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହେଉଛି। ପଞ୍ଜୀକୃତ କରିଥିବା ୧ ହଜାର ଜଣଙ୍କ ଅଭିଯୋଗର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ  ଶୁଣାଣି କରୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ଅସୁବିଧାକୁ ଶୁଣି ଏହାର ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ଶୁଣାଣି ସମୟରେ ଜଣେ ଦିବ୍ୟାଙ୍ଗଙ୍କୁ ଅଭିଯୋଗ ପ୍ରକୋଷ୍ଠରୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଶେଷ ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ୩୦ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି।

***Desk***

## ରେଳ ବଜେଟ୍

ଚଳିତ ବର୍ଷ ରେଳ ବଜେଟ୍‌ରେ ୨ ଲକ୍ଷ ୫୨ ହଜାର କୋଟିରୁ ଅଧିକ ଟଙ୍କାର ଅନୁଦାନ ପାଇଁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଆସନ୍ତା ଦୁଇରୁ ୩

ବର୍ଷ ମଧ୍ୟରେ ୨୦୦ଟି ନୂଆ ବନ୍ଦେ ଭାରତ ଟ୍ରେନ୍, ୧୦୦ଟି ଅମୃତ ଭାରତ ଟ୍ରେନ୍, ୫୦ଟି ନମୋ ଭାରତ ଦ୍ରୁତଗତି ସମ୍ପନ୍ନ ଟ୍ରେନ୍ ଓ ୧୭ ହଜାର ୫୦୦ଟି ସାଧାରଣ ବଗି ନିର୍ମାଣ ପାଇଁ ଘୋଷଣା କରାଯାଇଛି। ଦେଶରେ ଅମୃତ ଭାରତ ଷ୍ଟେସନ ଯୋଜନାରେ ୧ ହଜାର ୩୦୦ଟି ରେଳଷ୍ଟେସନ୍‌ର ପୁନଃବିକାଶ କାର୍ଯ୍ୟ କରାଯିବ। ଆସନ୍ତା ୪ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଜଣାପଡ଼ିଛି। ଏଥିରେ ଓଡ଼ିଶାର ୫୭ଟି ରେଳଷ୍ଟେସନ୍ ରହିଥିବା ଜଣାପଡ଼ିଛି। ଆଜି ରେଳ ବଜେଟ୍ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ଭିଡିଓ କନଫରେନ୍ସିଂ ଜରିଆରେ ସାମ୍ବାଦିକ ସମ୍ମିଳନୀ କରିବେ।

***Desk***

## ସୁପ୍ରିମକୋର୍ଟ- ସତ୍ୟପାଠ

ରାଜ୍ୟରେ ବେଆଇନ ଖଣିଖନନକାରୀଙ୍କ ଉପରେ ୬ ହଜାର ୨୨୮ କୋଟିରୁ ଅଧିକ ଟଙ୍କା ବକେୟା ରହିଥିବା ରାଜ୍ୟ ସରକାର ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଥିରେ ଜୋରିମାନା ବାବଦକୁ ୨ ହଜାର ୭୨୧ କୋଟି ଏବଂ ସୁଧ ବାବଦକୁ ୩ ହଜାର ୫୦୬ କୋଟିରୁ ଅଧିକ ଟଙ୍କା ଅନାଦେୟ ରହିଛି। ଗତବର୍ଷ ନଭେମ୍ବର ୨୮ ତାରିଖରେ ରାଜ୍ୟରେ ବେଆଇନ ଖଣିଖନନ ନେଇ ନ୍ୟାୟାଳୟଙ୍କ ଆଦେଶ ମୁତାବକ ଜୋରିମାନା ଅର୍ଥ ଆଦାୟର ବାସ୍ତବ ସ୍ଥିତି ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ, ୨୦୧୭ ମସିହାରେ ସୁପ୍ରିମକୋର୍ଟ ବେଆଇନ

ଖଣିଖନନକାରୀଙ୍କଠାରୁ ଆଦାୟ ହେବାକୁ ଥିବା ଜୋରିମାନା ଏବଂ ସୁଧ ଅର୍ଥ ବାବଦରେ ବିସ୍ତୃତ ତଥ୍ୟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତାରାଶି ପାଇବାପାଇଁ ବ୍ୟାଙ୍କ୍‌ର ଏନ୍.ପି.ସି.ଆଇ. ଯାଞ୍ଚ୍ କରିବାକୁ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଆଜି ଏବଂ ଆସନ୍ତାକାଲି ଦୁଇଦିନ ଧରି ବ୍ୟାଙ୍କ୍‌ର ଯାଞ୍ଚ୍ ପ୍ରକ୍ରିୟା କରାଯାଇପାରିବ । ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୮ ତାରିଖ ଦିନ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରୁ ସୁଭଦ୍ରା ସହାୟତାରାଶି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବ।

***Desk***

## ମହାକୁମ୍ଭ - ଅମୃତ ସ୍ନାନ

ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ତୃତୀୟ ଅମୃତସ୍ନାନ ଚାଲିଛି । ମହାନିର୍ବାଣି ପଞ୍ଚାୟତି ଆଖଡ଼ା ଏବଂ ଶମ୍ଭୁ ପଞ୍ଚାୟତି ଅଟଳ ଆଖଡ଼ା ପ୍ରଥମେ ତ୍ରିବେଣୀ ସଙ୍ଗମଠାରେ ସାହି ସ୍ନାନ କରିଛନ୍ତି । ପ୍ରଥମ ଦୁଇଟି ଅମୃତସ୍ନାନ ଗତମାସ ୧୪ ତାରିଖ ମକର ସଂକ୍ରାନ୍ତି ଏବଂ ଗତ ୨୯ ତାରିଖ ମଉନି ଅମାବାସ୍ୟାଦିନ ଅନୁଷ୍ଠିତ ହୋଇଥିଲା ।

*HS*

## ଖଣ୍ଡଗିରି କୁମ୍ଭମେଳା

ଖଣ୍ଡଗିରି କୁମ୍ଭମେଳା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏହା ପୂର୍ବରୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସ୍ଥିତି ସମୀକ୍ଷା କରିଛନ୍ତି । ସେ କହିଛନ୍ତି, ଖଣ୍ଡଗିରି ମେଳାରେ ପରିମଳ ବ୍ୟବସ୍ଥା ସହ ସ୍ଥାୟୀ ଆଲୋକୀକରଣ ଓ ପାନୀୟ ଜଳ ଉପଲବ୍ଧତାକୁ ଗୁରୁତ୍ୱ ଦିଆଯାଇଛି । ଏହି ମେଳାରେ ପବିତ୍ର ପଞ୍ଚକୁଣ୍ଡର ପୁନରୁଦ୍ଧାର କରାଯିବା ସହ ପ୍ରତି ୧୦୦ ମିଟରରେ ଜଣେ ଲେଖାଏଁ ସ୍ୱଚ୍ଛକର୍ମୀ ନିୟୋଜିତ ହେବେ ବୋଲି ବିଏମ୍‌ସି କମିଶନର କହିଛନ୍ତି । ଅନ୍ୟପକ୍ଷରେ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ଲାଗି ଯାତ୍ରାପାର୍ଟି ମାଲିକମାନଙ୍କୁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି । ଖଣ୍ଡଗିରିର ମର୍ଯ୍ୟାଦା ରକ୍ଷା କରି ଯାତ୍ରା ପରିବେଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ଯାତ୍ରା ପାର୍ଟିଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି ।

*Desk*

## ମାଘ ବୁଡ

ମାଘ ସପ୍ତମୀ ଅବସରରେ ଆସନ୍ତାକାଲି କୋଣାର୍କ ନିକଟ ଚନ୍ଦ୍ରଭାଗା ପୁଷ୍କରିଣୀରେ ମାଘ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡ ମୁତୟନ କରାଯିବା ସହ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ

କରାଯାଇଛି। ଚନ୍ଦ୍ରଭାଗା ବୁଡ଼ ପାଇଁ ଅତ୍ୟଧିକ ଭିଡ଼ ହେବା ସମ୍ଭାବନା ଥିବାରୁ ସୁରୁଖୁରୁରେ ଟ୍ରାଫିକ ଚଳାଚଳ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଟ୍ରାଫିକ କଟକଣା ଜାରି କରାଯାଇଛି। ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି, ଦ୍ରୁତ ଗାଡ଼ିଚାଳନା, ଅଧିକ ଯାତ୍ରୀ ପରିବହନ ଓ ଟ୍ରାଫିକ କଟକଣା ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଅନୁଯାୟୀ, ପୁରୀ ପଟୁ ଆସୁଥିବା ବସ୍‌ଗୁଡ଼ିକ ରାମଚଣ୍ଡୀ ପୁଲିସ ଷ୍ଟେସନ ନିକଟରେ, କାକଟପୁର ଓ ନିମାପଡ଼ା ପଟୁ ଆସୁଥିବା ବସ୍‌ଗୁଡ଼ିକ କୋଣାର୍କ ହେଲିପ୍ୟାଡ୍ ପଡ଼ିଆରେ ପାର୍କିଂ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି କଟକଣା ଆଜି ଦିନ ୧୨ଟାରୁ ଆସନ୍ତାକାଲି ସକାଳ ୮ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି।

ପରମ୍ପରା ଅନୁଯାୟୀ, ମାଧିପୁରର ଶ୍ରୀତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଶ୍ରୀଐଶ୍ୱାନ୍ୟଶ୍ୱର ମହାଦେବ ଓ କୁରୁଜଙ୍ଗର ଦକ୍ଷିଣେଶ୍ୱର ମହାଦେବ, ସପ୍ତମୀଦିନ ବଡିଭୋରବେଳେ ଚନ୍ଦ୍ରଭାଗା ତୀର୍ଥରେ ମହାସ୍ନାନ କରିବେ। ଏହାପରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ।

***Desk***

## ଜେ.ଇ.ଇ. ମେନ୍-୨

ବୈଷୟିକ ଶିକ୍ଷା କ୍ଷେତ୍ରରେ ନାମଲେଖାପାଇଁ ହେବାକୁ ଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେ.ଇ.ଇ. ମେନ୍-୨ ଏପ୍ରିଲ୍ ୧ରୁ ୮ ତାରିଖ

ମଧ୍ୟରେ ଅନୁଷ୍ଠିତ ହେବ । ଏଥିପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି । ଆସନ୍ତା ୨୫ ତାରିଖ ଆବେଦନ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଜେ.ଇ.ଇ. ପ୍ରଥମ ମେନ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀ ପୂର୍ବ ଆଦେବନ ନମ୍ବର ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ମେନ୍-୨ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ବୋଲି ଏନ୍.ଟି.ଏ. ପକ୍ଷରୁ ସୂଚନା ଦିଆଯାଇଛି ।

*Nabarangpur*

## ପର୍ଯ୍ୟଟନସ୍ଥଳୀ ବିକାଶ

ନବରଙ୍ଗପୁର ଜିଲ୍ଲାର ୧୦ଟି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଷଠଷଠୀ କୋଟି ୮ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି । ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ପର୍ଯ୍ୟଟନସ୍ଥଳ ଗୁଡ଼ିକର ବିକାଶ ହେଲେ ଜିଲ୍ଲାରେ ହୋଟେଲ ଶିଳ୍ପର ବିକାଶ ହେବା ସହ ବ୍ୟବସାୟିକ ଅଭିବୃଦ୍ଧି ଘଟିବ । ଜିଲ୍ଲାର ଝରିଗାଁ ବ୍ଲକ ଅନ୍ତର୍ଗତ ସାଇଧାରା ପର୍ଯ୍ୟଟନସ୍ଥଳ ପାଇଁ ୨ କୋଟି ୬୨ ଲକ୍ଷ, ଗୋସାଇଁଧାରା ପାଇଁ ୨ କୋଟି ୧୨ ଲକ୍ଷ, ଭଇରାଘୁମର ପାଇଁ ୪ କୋଟି ୩୭ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇଛି । ସେହିଭଳି ଘୁମୁରଶ୍ୱେର ଶୈବପୀଠ, ମଙ୍ଗରଦୋରା, ଡକାରିଦୋରା, ଡକରିଝରଣ ଓ ଡଙ୍ଗାଝରଣ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ୫୫ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି । ଏ ନେଇ

ନବରଙ୍ଗପୁର ଓ ଝରିଗାଁ ବିଧାୟକ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

***Ganjam***

## ଶ୍ରମିକ କଲ୍ୟାଣ ସମାରୋହ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସମାରୋହରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ । ଏଥିରେ ୧ ହଜାର ୪୫୨ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ସ୍ୱରୂପ ୫ କୋଟି ୫ ଲକ୍ଷ ୨୧ ହଜାର ଟଙ୍କା ଏବଂ ଅଣସଂଗଠିତ କ୍ଷେତ୍ରରେ ଦୁଇ ଜଣ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ନୂତନ ଭାବେ ୪୦୦ ଜଣ ନିର୍ମାଣ ଶ୍ରମିକ ଓ ୧୦୦ ଜଣ ହିତାଧିକାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି ।

***Nayagarh***

## ସଚେତନତା ଶିବିର

ନୟାଗଡ଼ ଜିଲ୍ଲା କୋର୍ଟ ପରିସରରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସଂକ୍ରାନ୍ତୀୟ ଏକ ସଚେତନତା ଶିବିର ଉଦ୍‌ଘାଟନ ହୋଇଯାଇଛି । ଜିଲ୍ଲା ଦୌରାଜଜ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବୈଠକରେ ଯୋଗଦେଇ କହିଛନ୍ତି, ମହିଳା ଯୌନ ନିର୍ଯାତନା ଆଇନ-୨୦୧୩ ଅନୁସାରେ ଶାରୀରିକ ସଂସ୍ପର୍ଶ, ଯୌନ ସମ୍ପର୍କିତ ମନ୍ତବ୍ୟ,

ଅଶୋଭନୀୟ ଆଚରଣ ଆଦିକୁ ବୁଝାଇଥାଏ। ଏହି ଅଧିନିୟମ କର୍ମକ୍ଷେତ୍ରରେ ଥିବା ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ମାନସିକ ବିକାରଗସ୍ତ ମହିଳାଙ୍କ କ୍ଷେତ୍ରରେ ତାଙ୍କର ଆଇନଗତ ଉତ୍ତରାଧିକାରୀ ଏ ନେଇ ଅଭିଯୋଗ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ପରିବାର କୋର୍ଟ ବିଚାରପତି ସୁବ୍ରତ କୁମାର ପ୍ରଧାନ, ଜିଲ୍ଲା ଦୌରାଜଜ୍ କୋର୍ଟର ରେଜିଷ୍ଟ୍ରାର ସୋନାଲି ସରିତା ପ୍ରମୁଖ ଉପସ୍ଥିତ ଥିଲେ।

***Desk***

## କ୍ରିକେଟ ମ୍ୟାଚ୍

କଟକ-ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଅନଲାଇନ୍ ଟିକେଟ୍ ବିକ୍ରି ଶେଷ ହୋଇଛି। ଦୁଇ ନମ୍ବର ଗ୍ୟାଲେରୀ ପାଇଁ ୧ ହଜାର ୭୦, ୪ ନମ୍ବର ଗ୍ୟାଲେରୀ ପାଇଁ ୧ ହଜାର ୮୦, ୭ ନମ୍ବର ଗ୍ୟାଲେରୀ ପାଇଁ ୧ ହଜାର ୫୦୦, ସ୍ୱତନ୍ତ୍ର ଏନ୍‌କ୍ଲୋଜରର ୨୦୦ଟି, ଏସ୍‌ସି ବକ୍ସ ୫୦ଟି ଓ ନୂଆ ପାଭିଲିୟନର ୧୦୦ଟି ଟିକେଟ ବିକ୍ରି ହୋଇଥିବା ଜଣାପଡ଼ିଛି।  ସୂଚନା ଅନୁଯାୟୀ, ଅନଲାଇନ୍ ଟିକେଟ୍ କିଣିଥିବା ଲୋକମାନେ ଆସନ୍ତା ୭ ତାରିଖରୁ ୯ ତାରିଖ ମଧ୍ୟରେ କଟକ କେମ୍ବ୍ରିଜ ସ୍କୁଲ କିମ୍ବା ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଧାରିତ କାଉଣ୍ଟରରୁ ଟିକେଟ୍ ସଂଗ୍ରହ କରିପାରିବେ। ଅନ୍ୟପକ୍ଷରେ ଆସନ୍ତା ୫ ତାରିଖ ଓ ୬ ତାରିଖରେ ବାରବାଟୀ ଷ୍ଟାଡିୟମ୍ କାଉଣ୍ଟରରେ

ଅଫଲାଇନରେ  ଟିକେଟ୍ ବିକ୍ରି ହେବ। ସୂଚନା ଅନୁଯାୟୀ, ଆସନ୍ତା ୯ ତାରିଖ ଅପରାହ୍ନ ଗୋଟାଏ ୩୦ ମିନିଟ୍‌ରୁ ମ୍ୟାଚ୍ ଆରମ୍ଭ ହେବାକୁ ଥିବା ବେଳେ ଦର୍ଶକମାନେ ଅଢ଼େଇ ଘଣ୍ଟା ପୂର୍ବରୁ ଷ୍ଟାଡିୟମ୍ ମଧ୍ୟକୁ ପ୍ରବେଶ କରିବେ।

***Desk***

## ଆଇ.ଏସ୍.ଏଲ୍.

ଇଣ୍ଡିଆନ୍ ସୁପର୍‌ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଆଜି ଓଡ଼ିଶା ଏଫ୍.ସି. ଏବଂ ନର୍ଥ-ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗୌହାଟୀଠାରେ ଖେଳାଯାଇଥିବା ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ନର୍ଥ-ଇଷ୍ଟ ୟୁନାଇଟେଡ୍ ଓଡ଼ିଶା ଏଫ୍.ସି.କୁ ୩-୨ ଗୋଲ୍‌ରେ ପରାସ୍ତ କରିଥିଲା ।

୩୮ତମ ଜାତୀୟ କ୍ରୀଡ଼ା ମହିଳା ଫୁଟବଲରେ ଓଡ଼ିଶା କ୍ରମାଗତ ତୃତୀୟଥର ଲାଗି ବିଜୟ ହାସଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଗତକାଲି ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫-୧ ଗୋଲ୍‌ରେ ସିକିମକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଜବାମଣି ଟୁଡୁ ଏବଂ ମନିଷା ନାୟକ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ୨-୧ ଗୋଲ୍‌ରେ ହରିୟାଣା ଓ ଦ୍ୱିତୀୟ ମ୍ୟାଚ୍‌ରେ ୨-୦ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା।

******************************